# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 30 November - 2024

News Editor : Satya Narayan Pattanaik

********************************

## ମୁଖ୍ୟ ସମ୍ବାଦ

- ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀର ଦ୍ୱିତୀୟ ଦିନରେ ଆଜି ଯୋଗଦେଲେ ପ୍ରଧାନମନ୍ତ୍ରୀ ।
  - ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁକାବିଲା ଦିଗରେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ବୈଠକରେ ହେବ ଚିଠା ପ୍ରସ୍ତୁତ ।
- ଆସନ୍ତାକାଲିଠାରୁ ମଧ୍ୟାହ୍ନ ଭୋଜନ ବର୍ଦ୍ଧିତ ଦର ହେବ ଲାଗୁ ।
- ଖାଉଟିମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରଙ୍କ ଉତ୍ତରପ୍ରଦେଶ ଏବଂ ପଞ୍ଜାବରୁ ଆଳୁ ଆମଦାନୀ ।

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ଆଜି ମଧ୍ୟ ଜାରି ରହିଛି କୋହଲା ପାଗ ।

## ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀ

ଭୁବନେଶ୍ୱରରେ ଚାଲିଥିବା ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀର ଦ୍ୱିତୀୟ ଦିନରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଛନ୍ତି । ସମ୍ମିଳନୀରେ ଆଜି ଦେଶର ଆଭ୍ୟନ୍ତରୀଣ ସୁରକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ପୁଲିସ ଅଧିକାରୀଗଣ ସେମାନଙ୍କର ମତ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ବୈଠକରେ ଉପସ୍ଥାପନ କରୁଛନ୍ତି । ଆତଙ୍କବାଦ, ବାମପନ୍ଥୀ ଉଗ୍ରବାଦର ମୁକାବିଲା, ସାଇବର ସୁରକ୍ଷା, ବେଆଇନ ଅନୁପ୍ରବେଶ, ଶରଣାର୍ଥୀ ସମସ୍ୟାର ସମାଧାନ, ନିଶା କାରବାର ରୋକିବା, ମହିଳାଙ୍କ ବିରୁଦ୍ଧରେ ହିଂସା, ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତା ଆଦି ବିଭିନ୍ନ ପ୍ରସଙ୍ଗରେ ବୈଠକରେ ବିସ୍ତୃତ ଆଲୋଚନା ଚାଲିଛି । ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ୟାର ମୁକାବିଲା ଦିଗରେ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଚିଠା ପ୍ରସ୍ତୁତ ହେବାର ସମ୍ଭାବନା ରହିଛି । ଏହି ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପ୍ରମୁଖ ଯୋଗ ଦେଇଛନ୍ତି । ଏହି ତିନିଦିନିଆ ସମ୍ମିଳନୀ ଆସନ୍ତାକାଲି ଉଦ୍‌ଯାପିତ ହେବ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗତକାଲି ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ ।

ସୂଚନାଯୋଗ୍ୟ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଗତକାଲି ଏକ ସଭାକୁ ସମ୍ବୋଧିତ

କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏନ୍‌ଡିଏ ସରକାରଙ୍କ ଅମଳରେ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହୋଇଛି ଏବଂ ଆଗାମୀ ଦିନରେ ଓଡ଼ିଶା ବିଶ୍ୱସ୍ତରରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ।

***Desk***

# ଲୋକସଭା-ଆୟୁଷ୍ମାନ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଅଧୀନରେ ଗତ ୨୫ ତାରିଖ ସୁଦ୍ଧା ୭୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକଙ୍କ ପାଇଁ ପ୍ରାୟ ୧୪ଲକ୍ଷ ଆୟୁଷ୍ମାନ ବୟୋ ବନ୍ଦନ କାର୍ଡ ଜାରି କରାଯାଇଛି । ଲୋକସଭାରେ ଗତକାଲି ଏ ସଂପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ସାମାଜିକ ଏବଂ ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ୭୦ ବର୍ଷରୁ ଅଧିକ ବୟସ୍କ ନାଗରିକଙ୍କୁ ଏହି ଯୋଜନା ଅଧୀନରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ପ୍ରଦାନର ବ୍ୟବସ୍ଥା ରହିଛି । ଏଥିରେ ପ୍ରାୟ ୬ କୋଟି ବୟସ୍କ ନାଗରିକ ସାମିଲ ହେବେ । ଏହି ଯୋଜନାରେ ୧୩ ହଜାର ୧୭୩ଟି ଘରୋଇ ଡାକ୍ତରଖାନାକୁ ମିଶାଇ ୨୯ ହଜାର ୮୭୦ଟି ହସ୍ପିଟାଲକୁ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

# ଟେକ୍ସଟାଇଲ୍‌-ମାର୍ଘେରିଟା

ବୟନ ଶିଳ୍ପ କ୍ଷେତ୍ରରେ ମହିଳାଙ୍କର ଅଂଶଗ୍ରହଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ବୋଲି ବୟନ ଶିଳ୍ପରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା କହିଛନ୍ତି । ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଇତିମଧ୍ୟରେ ୩ ଲକ୍ଷ ୬୦ ହଜାରରୁ ଅଧିକ ମହିଳା ହିତାଧିକାରୀଙ୍କୁ ସମର୍ଥ ଯୋଜନା ଅଧୀନରେ ତାଲିମ ପ୍ରଦାନ କରାଯାଇଛି । ବୟନ ଶିଳ୍ପ କ୍ଷେତ୍ରରେ ରୋଜଗାର ଏବଂ ଉନ୍ନତି ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି । ସେ କହିଛନ୍ତି ଏହି କ୍ଷେତ୍ରରେ ମୋଟ୍‌ ହିତାଧିକାରୀଙ୍କ ମଧ୍ୟରୁ ୮୮ ପ୍ରତିଶତ ହେଉଛନ୍ତି ମହିଳା । କୃଷି ପରେ ବୟନଶିଳ୍ପ କ୍ଷେତ୍ର ହେଉଛି ଦେଶର ଦ୍ୱିତୀୟ ବୃହତ୍ତମ ନିଯୁକ୍ତି କ୍ଷେତ୍ର । ପାଖାପାଖି ସାଢ଼େ ୪ କୋଟି ଲୋକ ବୟନ ଶିଳ୍ପ କ୍ଷେତ୍ରରେ ନିଯୁକ୍ତ ହୋଇଛନ୍ତି । ଆସନ୍ତା ୨୦୩୦ ସୁଦ୍ଧା ଏହାକୁ ୧୦ କୋଟିକୁ ବୃଦ୍ଧି କରିବା ଲାଗି ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ବ୍ୟୟ ବରାଦ ସହିତ ନିକଟରେ କାର୍ଯ୍ୟକାରୀ ହୋଇଥିବା ପି.ଏମ୍‌. ଇଣ୍ଟର୍ଣ୍ଣସିପ୍‌ ଯୋଜନାର ସୁଯୋଗ ନେବାକୁ ମନ୍ତ୍ରୀ ଯୁବବର୍ଗଙ୍କୁ ପରାମର୍ଶ ଦେଇଛନ୍ତି ।

***Desk***

# ମଧ୍ୟାହ୍ନ ଭୋଜନ ଖର୍ଚ୍ଚବୃଦ୍ଧି

ବିଦ୍ୟାଳୟମାନଙ୍କରେ ଚାଲିଥିବା ମଧ୍ୟାହ୍ନ ଭୋଜନ ଯୋଜନାର ଖର୍ଚ୍ଚକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ପ୍ରତ୍ୟେକ ପିଲା ପିଛା ୭ ଟଙ୍କା ୬୪ ପଇସା ଖର୍ଚ୍ଚ କରାଯିବ। ପୂର୍ବରୁ ଏହି ବର୍ଗର ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୫ ଟଙ୍କା ୯୦ ପଇସା ଥିଲା। ସେଭଳି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୧୦ ଟଙ୍କା ୯୪ ପଇସାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାର ପ୍ରତ୍ୟେକ ପିଲା ପିଛା ୮ ଟଙ୍କା ୮୨ ପଇସା ମଧ୍ୟାହ୍ନ ଭୋଜନ ବାବଦରେ ଖର୍ଚ୍ଚ କରୁଥିଲେ। ବର୍ଦ୍ଧିତ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ଆସନ୍ତାକାଲି ଠାରୁ ରାଜ୍ୟରେ ଲାଗୁହେବ ବୋଲି ଜଣାପଡଠିଛି।

## ଆଳୁ ପିଆଜ ଆମଦାନୀ

ରାଜ୍ୟରେ ଖାଉଟିମାନଙ୍କ ଆଳୁ ଓ ପିଆଜର ଆବଶ୍ୟକତା ପୂରଣ ନିମନ୍ତେ ସାତୋଟି ରାଜ୍ୟରୁ ରାଜ୍ୟ ସରକାର ଆଳୁ ପିଆଜ ଆମଦାନୀ କରୁଛନ୍ତି। ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ପଞ୍ଜାବରୁ ରାଜ୍ୟକୁ ଆଳୁ ଆମଦାନୀ ହେଉଛି। ଅନ୍ୟପକ୍ଷରେ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରୁ ପିଆଜ ଆମଦାନୀ ହେଉଥିବା ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ରାଜ୍ୟରେ ଆବଶ୍ୟକ ପରିମାଣ ଆଳୁ ମହଜୁଦ୍ ରହିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । ଉତ୍ତରପ୍ରଦେଶରୁ ଆଳୁ ଆସିବା ଆରମ୍ଭ ହୋଇଛି ଏବଂ ରାଜ୍ୟରେ ଆଳୁ ସଙ୍କଟ ରହିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ରାଜ୍ୟ ସରକାର ପଞ୍ଜାବ ସରକାରଙ୍କ ସହ ଆଳୁ ଆମଦାନୀ ନେଇ ଯୋଗାଯୋଗରେ ଅଛନ୍ତି । ବଜାରରେ ଆଳୁ ଦର ବୃଦ୍ଧି ପାଇନାହିଁ ବୋଲି ସେ କହିଛନ୍ତି । ଚଢ଼ାଦରରେ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସତର୍କ କରାଇଦେଇଛନ୍ତି । ପଶ୍ଚିମବଙ୍ଗର ଆଳୁ ଉପରେ ଓଡ଼ିଶାର ନିର୍ଭରଶୀଳତା ହ୍ରାସ ପାଇଛି ବୋଲି ମନ୍ତ୍ରୀ ଡ. ପାତ୍ର କହିଛନ୍ତି । ଆସନ୍ତା ଦେଢ଼ବର୍ଷ ମଧ୍ୟରେ ଓଡ଼ିଶା ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି ।

*HS*

## ବିଜେପିର ସାଙ୍ଗଠନିକ କର୍ମଶାଳା

ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ କର୍ମଶାଳା ଆଜି ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି । ରାଜ୍ୟ ଶାଖା ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଏହି କର୍ମଶାଳାରେ ସାଙ୍ଗଠନିକ ନିର୍ବାଚନ ଏବଂ ଦଳୀୟ ସଦସ୍ୟତା ନେଇ ବିସ୍ତୃତ ଆଲୋଚନା ହେଉଛି । ବୁଥ୍‌ସ୍ତରରୁ ରାଜ୍ୟସ୍ତର ଯାଏଁ ସାଙ୍ଗଠନିକ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ ଉପରେ ମଧ୍ୟ ଏହି ବୈଠକରେ ଆଲୋଚନା ଚାଲିଛି । ଏହି ବୈଠକରେ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, କେନ୍ଦ୍ରମନ୍ତ୍ରୀ

ଧର୍ମେନ୍ଦ୍ର ପ୍ରଧାନ, ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଅଛନ୍ତି।

***Ganjam***

## ଆଖୁଚାଷୀଙ୍କୁ ଜଳସେଚନ ସୁବିଧା

ଗଞ୍ଜାମ ଜିଲ୍ଲାରେ ଆଖୁଚାଷୀଙ୍କୁ ଜଳସେଚନର ସୁବିଧା ପ୍ରଦାନ ନେଇ ଏକ ଆଲୋଚନା ବୈଠକ ଆଜି ଅନୁଷ୍ଠିତ ହୋଇଛି। ଆସିକା ସମବାୟ ଚିନିଶିଳ୍ପର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ କୃଷି ଓ ଜଳସେଚନ ବିଭାଗ ଏବଂ ଚିନିଶିଳ୍ପ କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

***Desk***

## ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ

ପ୍ରସ୍ତାବିତ ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ ସଂଶୋଧନ ଅଧିନିୟମ, ୨୦୨୪ ନେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ମତାମତ ଲୋଡ଼ାଯାଇଛି। ଇଚ୍ଛୁକ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ଇଂରାଜୀ କିମ୍ବା ଓଡ଼ିଆ ଭାଷାରେ ତାଙ୍କର ମତାମତ ପଠାଇବାକୁ ଆହ୍ୱାନ କରାଯାଇଛି। ମତାମତର ୨ଟି ନକଲ ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକଙ୍କ ପାଖକୁ ପୋଷ୍ଟ ଦ୍ୱାରା ପଠାଇବାକୁ କୁହାଯାଇଛି। ଅନ୍ୟପକ୍ଷରେ ଅନଲାଇନ ମାଧ୍ୟମରେ ମତାମତ ପଠାଇବା ପାଇଁ ଇ-ମେଲ ଠିକଣା ହେଉଛି **director.odifish@gmail.com**। ୧୦ ଦିନ

ମଧ୍ୟରେ ମତାମତ ପଠାଇବାକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି ।

***Ganjam***

## ସମନ୍ୱୟ ବୈଠକ

ଗଞ୍ଜାମ ଜିଲ୍ଲା ଋଷିକୁଲ୍ୟା ମୁହାଣରେ ଅଲିଭ୍ ରିଡଲେ କଇଁଚଙ୍କ ଗଣଅଣ୍ଡାଦାନ ପାଇଁ ସୁରକ୍ଷିତ ପରିବେଶ ଲକ୍ଷ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଶନି ଖୋଖରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ନେଇ ଆଲୋଚନା ହୋଇଛି। ବନଖଣ୍ଡ ଅଧିନସ୍ଥ ବିଭାଗୀୟ ଅଧିକାରୀ ଏଥିରେ ଯୋଗଦେଇ କଇଁଛଙ୍କ ସୁରକ୍ଷା ନେଇ ନିଆଯାଉଥିବା ପଦକ୍ଷେପଗୁଡ଼ିକ ଉପରେ ମତବିନିମୟ କରିଥିଲେ।

***Desk***

# ଭି.ପି କନ୍‌କ୍ଲେଭ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି, ବିକଶିତ ଭାରତ ଏବେ ସ୍ୱପ୍ନ ନୁହେଁ, ବରଂ ଆମ ପାଇଁ ଏକ ଆହ୍ୱାନ । ଦେଶ ନିଜ ସଂକଳ୍ପ ବଳରେ ଏହି ଲକ୍ଷ୍ୟ ହାସଲ କରିବ ବୋଲି ସେ କହିଛନ୍ତି । ଆଜି ସକାଳେ ନୂଆଦିଲ୍ଲୀରେ **ବିକଶିତ ଭାରତ-୨୦୪୭- ଭିଜନ ଅଫ୍ ନିଉଇଣ୍ଡିଆ ୩.୦** ଶୀର୍ଷକ ସମ୍ମେଳନକୁ ସମ୍ବୋଧିତ କରି ଶ୍ରୀ ଧନଖଡ଼ କହିଛନ୍ତି ଭାରତୀୟ ଅର୍ଥନୀତି  ଓ ଭିତ୍ତିଭୂମି, ଡିଜିଟାଲ ଭିତ୍ତିଭୂମି ଏବଂ ଡିଜିଟାଲ

କାର୍ଯ୍ୟକଳାପକୁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ ଏବଂ ବିଶ୍ୱ ଅର୍ଥନୈତିକ ଫୋରମ ପ୍ରଶଂସା କରୁଛନ୍ତି । ଆଇଏମ୍ଏଫ୍ କହିଛି ଯେ ଭାରତ ହେଉଛି ପୁଞ୍ଜି ନିବେଶ କ୍ଷେତ୍ରରେ ସମସ୍ତଙ୍କ ପାଇଁ ଲକ୍ଷ୍ୟସ୍ଥଳ ।

ଉପରାଷ୍ଟ୍ରପତି କହିଛନ୍ତି, ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆସିଛି ଏବଂ ଅତି କମ୍ ସମୟ ମଧ୍ୟରେ ୫୦ କୋଟିରୁ ଅଧିକ ଲୋକଙ୍କୁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇଛି । ସମ୍ମିଳନୀରେ ଶ୍ରୀ ଧନଖଡ଼ ଭୋକାଲ୍ ଫର୍ ଲୋକାଲ୍ ଉପରେ ଗୁରୁତ୍ୱାରୋପ କରି ସେ ଲୋକମାନଙ୍କୁ ଆବଶ୍ୟକତା ଅନୁଯାୟୀ ସମ୍ବଳର ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ।

***Ganjam***

## ଏଚ୍ଆଇଭି ଏଡ୍ସ

ଏଚ୍ଆଇଭି ଏଡ୍ସ ରୋଗ ସମ୍ପର୍କରେ ସଚେତନତା ବୃଦ୍ଧି କ୍ଷେତ୍ରରେ ଗଞ୍ଜାମ ସମଗ୍ର ରାଜ୍ୟରେ ଅଗ୍ରଣୀ ଜିଲ୍ଲାର ମାନ୍ୟତା ପାଇଛି। ଏଡ୍ସ ନିୟନ୍ତ୍ରଣ ସମିତି ପକ୍ଷରୁ ଆସନ୍ତାକାଲି ବିଶ୍ୱ ଏଡ୍ସ ଦିବସ ପାଳନ ଅବସରରେ ଗଞ୍ଜାମ ଜିଲ୍ଲାକୁ ପୁରସ୍କୃତ କରାଯିବ। ସମିତି ପକ୍ଷରୁ ଏ ନେଇ ଗଞ୍ଜାମ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଗତ ଅଗଷ୍ଟରୁ ଅକ୍ଟୋବର ଯାଏଁ ୨ ମାସ ଜିଲ୍ଲାରେ ଏହି ରୋଗ ବିଷୟରେ ଜନସଚେତନତା ସୃଷ୍ଟି ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

*Kalahandi*

# ଲୋକକଳା ମହାକୁମ୍ଭ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଲୋକକଳା ମହାକୁମ୍ଭ ନୃତ୍ୟ ସଙ୍ଗମ ଉଦ୍‌ଘାଟିତ ହୋଇଛି । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, ରାଜ୍ୟସରକାର ଓ ପ୍ରତିଭା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ଉଦ୍‌ଘାଟନ କରିଥିଲେ । ଏହିଭଳି କାର୍ଯ୍ୟକ୍ରମ ଲୁପ୍ତପ୍ରାୟ ଲୋକକଳା ଓ ଲୋକସଂସ୍କୃତିକୁ ଉଜ୍ଜୀବିତ ରଖିବାରେ ସହାୟକ ହେବ ବୋଲି ସେ କହିଥିଲେ । ଏହି ଅବସରରେ ବିଭିନ୍ନ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା ।

*Desk*

# ପାଣିପାଗ

ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ଆଜି ମଧ୍ୟ କୋହଲା ପାଗ ଜାରି ରହିଛି । ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସାମାନ୍ୟ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । କୋହଲା ପାଗ ଏବଂ ବର୍ଷା ଯୋଗୁଁ ଥଣ୍ଡାର ପରିମାଣ ବଢ଼ିଛି । କୋରାପୁଟ, ଦାରିଙ୍ଗିବାଡ଼ି, ସୁନ୍ଦରଗଡ଼, ବୌଦ୍ଧ, ଫୁଲବାଣୀରେ ଅଧିକ ଥଣ୍ଡା ଅନୁଭୂତ ହେଉଥିବା ଜଣାପଡ଼ିଛି ।